ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ୧୧ ଫେବୃୟାରୀ, ୨୦୨୨ Dhenkanal, Friday, February 11/2022


## ସଂକ୍ଷେପରେ

### ୭୨ ଆକ୍ରାନ୍ତ, ୮୨ ସୁସ୍ଥ

**ଅନୁଗୋଳ ଅଫିସ,୧୦।୨:** ଅନୁଗୋଳ ଜିଲାରୁ ଗୁରୁବାର ୭୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୭ ହଜାର ୯୬୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କିଶୋରନଗର ବ୍ଲକ ଅଞ୍ଚଳରୁ ୧୭ଜଣ, ଅନୁଗୋଳ ବ୍ଲକ ଅଞ୍ଚଳରୁ ୧୫, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୪, ବଣଁରପାଳ ବ୍ଲକ ଅଞ୍ଚଳରୁ ୯, ଅନୁଗୋଳ ପୌରାଞ୍ଚଳରୁ ୫, କଣିହାଁ ବ୍ଲକ ଅଞ୍ଚଳରୁ ୪, ତାଳଚେର ବ୍ଲକ ଅଞ୍ଚଳରୁ ୩, ତାଳଚେର ପୌରାଞ୍ଚଳରୁ ୩ ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୨ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ କରୋନାରୁ ୮୨ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୧ ଜଣଙ୍କ ମୃତ୍ୟୁ କୋଭିଡ୍‌ରେ ହୋଇଥିବାବେଳେ ୧୬ ଲକ୍ଷ ୭୪ ହଜାର ୩୩୯ଜଣ ଟିକା ନେଇସାରିଲେଣି।

### ୧୩ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ,୧୦।୨:** ଢେଙ୍କାନାଳ ଜିଲାରୁ ବୁଧବାର ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ଜିଲାରୁ ୨୯ ଜଣ କୋଭିଡ୍‌ରୁ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ କଙ୍କଡାହାଡ ବ୍ଲକରୁ ୩, ଗଁନ୍ଦିଆରୁ ୨, ସଦର ବ୍ଲକରୁ ୨, ହିନ୍ଦୋଳରୁ ୨, କାମାକ୍ଷାନଗରରୁ ୧, ଓଡାପଡା ବ୍ଲକରୁ ୧ ଓ ଅନ୍ୟ ଚିକିତ୍ସାଳୟରୁ ୨ ଜଣ ରହିଛନ୍ତି। ଜିଲାରେ ଏଯାଏ ମୋଟ ୬ଲକ୍ଷ ୫୭ ହଜାର ୯୮୫ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବା ବେଳେ ୨୨ ହଜାର ୨୦୮ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୨୧ ହଜାର ୬୦୧ ଜଣ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ୩୫୧ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ମୋଟ୍ ୨୫୬ ଜଣଙ୍କ ଜୀବନ କୋଭିଡ୍ କାରଣରୁ ଯାଇଛି।

### ଚଢ଼ାଉ, ୩ ଗିରଫ

**ଢେଙ୍କାନାଳ ଅଫିସ,୧୦।୨:** ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳରେ ବୁଧବାର ରାତିରେ ଟାଉନ ଥାନା ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ତାସ୍ ପତି ସହିତ ଜୁଆଖେଳ ଉପକରଣ ଓ ୫୧୨୦ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାମେଶ୍ୱରପୁର ମୋଚିସାହି ଅଞ୍ଚଳର ସୁବାସ ଗୁରୁ, କାହ୍ନୁ ଓରଫ ବିପିନ ଗୁରୁ ଓ ସୁବ୍ରତ ବେହେରା। କୌଣସି ସୂତ୍ରରୁ ଖବର ପାଇବା ପରେ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ନଂ. ୬୮।୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ପୋଲିସ ପକ୍ଷରୁ ଜରିମାନା ଆଦାୟ

**ବଇଣ୍ଡା,୧୦।୨(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମରେ ଗୁରୁବାର ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଅଟକାଇ କାଗଜପତ୍ର, ଲାଇସେନ୍ସ, ସିଟ୍ ବେଲ୍ଟ, ହେଲମେଟ ଆଦି ଯାଞ୍ଚ କରାଯାଇ ୯ ହଜାର ଟଙ୍କା ଏବଂ ମାସ୍କ ଯାଞ୍ଚ କରାଯାଇ ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଆଚରଣବିଧି ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ



ପଞ୍ଚାୟତ ନିର୍ବାଚନ ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ,୧୦।୨**

- ପଞ୍ଚାୟତ ନିର୍ବାଚନ ସୁପରିଚାଳନା ପ୍ରସ୍ତୁତି
- ପେସାଦାର ଅପରାଧୀଙ୍କ ଉପରେ କଡ଼ା ନଜର
- ଉତ୍ତେଜନାପ୍ରବଣ ଅଞ୍ଚଳରେ ପାଟ୍ରୋଲିଂ ହେବ

ଢେଙ୍କାନାଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସୁପରିଚାଳନା ନିମନ୍ତେ ଗୁରୁବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ୮ଟି ବ୍ଲକରେ ଥିବା ମୋଟ୍ ୨୮୮୧ଟି ବୁଥ୍ ମଧ୍ୟରୁ ୪୩୩ ଉତ୍ତେଜନପ୍ରବଣ ହୋଇଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଥିଲେ। ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓ ଏବଂ ତହସିଲଦାରମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିର୍ବାଚନକୁ ଅବାଧ, ନିରପେକ୍ଷ ଭାବେ ପରିଚାଳନା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବା ଉପରେ ଜିଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ବେଆଇନ ମଦ କାରବାର, ବିନା ଲାଇସେନ୍ସଧାରୀଙ୍କ ବନ୍ଧୁକ ଜବତ ସହିତ ପେସାଦାର ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରାହ୍ଣ ୧ଟାରେ ଭୋଟଦାନ କେନ୍ଦ୍ର ପ୍ରବେଶ ଦ୍ୱାରକୁ ବନ୍ଦ କରାଯିବ। ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି ବୋଲି ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ ଓ ଶିଶୁ ରଞ୍ଜନ ମହାପାତ୍ର, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଗୋଇନ୍ଦା ବିଭାଗ ଡିଏସ୍‌ପି ଅରୁଣ କୁମାର ସାହୁ, ଡିଏସ୍‌ପି ଅଞ୍ଜନା ଟୁଡୁ, ଏସ୍‌ଡିପିଓ ବିକାଶ ବେଉରା, ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କିନ୍ନରଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା

**ଅନୁଗୋଳ ଅଫିସ,୧୦।୨**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇପିଡି କୋଠାରେ କିନ୍ନରଙ୍କ ପାଇଁ ଗୁରୁବାର ଏକ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା କରାଯାଇଛି। ଏଭଳି ଏକ ୱାର୍ଡ ଖୋଲିବାକୁ ସାମାଜିକ କର୍ମୀ ଚିନ୍ମୟୀ ସିଡିଏମ୍‌ଓଙ୍କ ନିକଟରେ ଦାବି କରିଥିଲେ। ହସ୍ପିଟାଲ ମ୍ୟାନେଜର ସୋମ୍ୟାଶ୍ରୀ ପ୍ରଧାନ ଏବଂ ଦେବାଶିଷ ଦାସ ଏହି ୱାର୍ଡକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ଦୁଇ ଜଣ କିନ୍ନର ରୋଗୀ ଆଡମିଶନ ନେଇଛନ୍ତି। ମେଡିକ୍ସ ଭଳି ଘରୋଇ ସଂସ୍ଥା ଏଡ୍‌ସ ସଚେତନତା, ଧନ୍ଦା ମୂଳକ ଶିକ୍ଷା ଏବଂ ଏଡ୍‌ସ ଆକ୍ରାନ୍ତଙ୍କୁ ଏଆର୍‌ଟି ଔଷଧ ପ୍ରଦାନ କାମ କରୁଥିଲେ ମଧ୍ୟ ଆଜିଯାଏ କୌଣସି ସରକାରୀ ହସ୍ପିଟାଲରେ କିନ୍ନରଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା ହୋଇପାରି ନ ଥିଲା। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଡାପ୍ସୁର ସଂଯୋଜିକା ପ୍ରମିଳା ହୋତା, ସାମାଜିକ କର୍ମୀ ବାପୁଜୀ ପ୍ରଧାନ ଓ ଚିନ୍ମୟୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସାରାଜୀବନ ସଂଗ୍ରାମରତ ଥିଲେ ଯୋଗେନ୍ଦ୍ରନାଥ

**ଢେଙ୍କାନାଳ ଅଫିସ,୧୦।୨**

### ପୂଜ୍ୟପୂଜା ପରିଷଦ ପକ୍ଷରୁ ସ୍ମୃତିସଭା

ବିଶିଷ୍ଟ ଶ୍ରମିକ ନେତା ତଥା ସାମାଜିକ କର୍ମୀ ଯୋଗେନ୍ଦ୍ରନାଥ ତ୍ରିପାଠୀଙ୍କ ପରଲୋକରେ ଢେଙ୍କାନାଳ ପୂଜ୍ୟପୂଜା ପରିଷଦ ପକ୍ଷରୁ ଗୁରୁବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଅପରାହ୍ଣ ୩ଟାରେ ଆୟୋଜିତ ଏହି ସ୍ମୃତିସଭାରେ ଏମ୍‌ପି ମହେଶ ସାହୁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ରାଜ୍ୟ ହିନ୍ଦ୍ ମଜଦୁର ସଭା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଉପସଭାପତି ଯୁଗଳ କିଶୋର ନାୟକ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାନ୍ତି, ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ତ୍ରିପାଠୀ, ସାମାଜିକ କର୍ମୀ ଲକ୍ଷ୍ମୀଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୋଗେନ୍ଦ୍ରନାଥ ତ୍ରିପାଠୀଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସେ ଜୀବନସାରା ସଂଗ୍ରାମରତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଥିଲେ। ପରିଷଦ ସମ୍ପାଦକ ସମୀର କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କବି ସୁକାନ୍ତି ସାହୁ କବିତାପାଠ କରିଥିଲେ। ବିଷ୍ଣୁପ୍ରିୟା ରଥ ଭଜନ ପରିବେଷଣ ଓ ସାମାଜିକ କର୍ମୀ ସରୋଜ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।



ପୂଜ୍ୟପୂଜା ପରିଷଦ ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ଅତିଥିମାନେ।

# ରାସ୍ତା ନାହିଁ ତ ଭୋଟ ନାହିଁ

**କାମାକ୍ଷାନଗର,୧୦।୨(ଡି.ଏନ.ଏ.)**

### ଶପଥ କଲେ ପାକଟମୁଣ୍ଡାବାସୀ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ ପାକଟମୁଣ୍ଡା ଗ୍ରାମବାସୀ ଗୁରୁବାର ଭୋଟ ବର୍ଜନ ପାଇଁ ଶପଥ କରିଛନ୍ତି। ରାସ୍ତା ନାହିଁ ତ ଭୋଟ ନାହିଁ ନାରା ଦେଇ ଗ୍ରାମର ଜନସାଧାରଣ ଏକତ୍ରିତ ହୋଇ ଗ୍ରାମଦେବୀଙ୍କ ନିକଟରେ ଶପଥ ନେଇଛନ୍ତି। ପରେ ଗ୍ରାମରେ ଲାଗିଥିବା ସମସ୍ତ ପୋଷ୍ଟର ବ୍ୟାନରକୁ ଚିରି ଜାଳି ଦେଇଛନ୍ତି। ଗ୍ରାମବାସୀ ଅଭିଯୋଗ କହିଛନ୍ତି, ପ୍ରାୟ ଶହେରୁ ଉର୍ଦ୍ଧ୍ୱ ପରିବାର ୬ନଂ ୱାର୍ଡର ପାହାଡ଼ ପର୍ବତ ଘେରା ଅପହଞ୍ଚ ଇଲାକାରେ ବାସ କରୁଛନ୍ତି। ହେଲେ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ କରାଯାଉ ନାହିଁ। ଗ୍ରାମକୁ ଭଲ ରାସ୍ତା ନ ଥିବାବେଳେ ସ୍ୱାସ୍ଥ୍ୟସେବା ପହଞ୍ଚିପାରୁ ନାହିଁ। ମୋବାଇଲ ନେଟୱର୍କ ଏଠାରେ ଅପହଞ୍ଚ। ଏ ନେଇ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ସେହିପରି ବର୍ଷାଦିନେ ଦୁଇଟି ବଡ଼ ନାଳ ଓ କଚ୍ଚା ରାସ୍ତା ଯୋଗୁ ଲୋକମାନେ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ରହୁଛନ୍ତି। ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଏଠାକାର ଲୋକମାନେ ନିଜର ମୌଳିକ ଅଧିକାର ପାଇଁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ତୁରନ୍ତ ସରକାର ଲୋକଙ୍କ ଦାବି ପୂରଣ ନ କଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଗାଁରେ ମରାଯାଇଥିବା ପ୍ରାର୍ଥୀମାନଙ୍କ ପୋଷ୍ଟରଗୁଡ଼ିକୁ ଗ୍ରାମବାସୀ ପୋଡ଼ି ଦେଉଛନ୍ତି।

# ପୌର ଭୋଟର ତାଲିକା ପ୍ରସ୍ତୁତି ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ,୧୦।୨**

ଢେଙ୍କାନାଳ ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଢେଙ୍କାନାଳ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି। ସର୍ବସାଧାରଣଙ୍କ ଜାଣିବା ପାଇଁ ପୌର କାର୍ଯ୍ୟାଳୟରେ ଏହି ତାଲିକା ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତି ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ, ତେବେ ସେଥିରେ ନାମ ଅନ୍ତର୍ଭୁକ୍ତି ଓ ସଂଶୋଧନ ପାଇଁ ଫର୍ମ ନଂ–୩ରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ୧୧ ରୁ ୧୬ ତାରିଖ ମଧ୍ୟରେ ଦାଖଲ କରାଯାଇପାରିବ। ଯେଉଁମାନଙ୍କ ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ସଂଶୋଧନ ପାଇଁ ଫର୍ମ ନଂ–୪ ବ୍ୟବହାର କରିପାରିବେ। ସେହିପରି ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କ ନାମ ସମ୍ପର୍କରେ ଆପତ୍ତି ଥିଲେ ଫର୍ମ ନଂ–୪ରେ ଦାଖଲ କରାଯାଇପାରିବ। ଫର୍ମ ନଂ ୩ ଓ ୪ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନା ମୂଲ୍ୟରେ ମିଳିପାରିବ। ନିର୍ଦ୍ଧାରିତ ଛପା ଫର୍ମ ନ ମିଳିଲେ ଏହାର ଅବିକଳ ନକଲ ହାତରେ ଲେଖି, କିମ୍ବା ଟାଇପ୍, ଫଟୋକପି ଏବଂ ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ବୋଲି ପୌର ପରିଷଦ ନିର୍ବାଚନ ଅଧିକାରୀ ଜଣାଇଛନ୍ତି ।

### ୩ ବଖରା ଜଳିଗଲା

**ବଇଣ୍ଡା,୧୦।୨(ଡି.ଏନ.ଏ.):** କିଶୋରନଗର ବ୍ଲକ ଜାମୁନାଳି ପଞ୍ଚାୟତ ଅଶ୍ରୁବାହାଳ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ନାଥୁ ମାଝିଙ୍କ ୨ ବଖରା ଓ ସାହେବ ପ୍ରଧାନଙ୍କ ୧ ବଖରା ଘର ଜଳିଯାଇଛି। କେମିତି ନିଆଁ ଲାଗିଲା ତାହା ଜଣାପଡ଼ି ନ ଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ମିଳିତ ଉଦ୍ୟମ ଉପରେ ଗୁରୁତ୍ୱ


ଅତିରିକ୍ତ ଜିଲାପାଳ ଔଷଧ ସେବନ କରୁଛନ୍ତି।

**ଅନୁଗୋଳ ଅଫିସ,୧୦।୨:** ଅନୁଗୋଳ ଜିଲାରେ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ୧୦ ତାରିଖଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ନିଜେ ଔଷଧ ସେବନ କରି ଶୁଭାରମ୍ଭ କରିଥିଲେ। ଏହାର ନିରାକରଣ ନିମନ୍ତେ ମିଳିତ ଉଦ୍ୟମ ସହ ସଚେତନତା କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପୌରୋହିତ୍ୟ କରିଥିଲେ। ରାଜ୍ୟ କୀଟ ବିଜ୍ଞାନ ପରାମର୍ଶଦାତା ଡ.ଅରୁଣ ସିବାନ୍ ଯୋଗଦେଇ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ବେହେରା ଓ ଡା.ପୂର୍ଣ୍ଣିମା ଉଦ୍‌ଗାତାଙ୍କ ସମେତ ଆଶା ଏବଂ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

### ଚଢ଼ାଉ, ଶାଳକାଠ ଜବତ

**ରାସୋଳ,୧୦।୨(ଡି.ଏନ.ଏ.):** ହିନ୍ଦୋଳ ରେଞ୍ଜ ରାସୋଳ ସେକ୍ସନ ପଞ୍ଚପଡ଼ା ଗ୍ରାମ୍ୟ ଜଙ୍ଗଲରେ ବନବିଭାଗ ଗୁରୁବାର ଚଢାଉ କରି ୨୭ ସିଏଫ୍‌ଟି ଶାଳକାଠ ଜବତ କରିଛି। ରାସୋଳ ଫରେଷ୍ଟର ସୁଦର୍ଶନ ଦେହୁରୀ କୌଣସି ସୂତ୍ରରୁ ଖବରପାଇ ଏହି ଚଢାଉ କରିବା ବେଳେ କାଠ କଟାଳିମାନେ ଫେରାର ହୋଇଯାଇଥିଲେ। ଚଢାଉରେ ଖଜୁରିଆକଟା ବନରକ୍ଷୀ ମୁକ୍ତିପ୍ରସାଦ ବେହେରା, ରାସୋଳ ବନରକ୍ଷୀ କାହ୍ନୁଚରଣ ବେହେରା ଓ ସ୍କ୍ୱାଡ୍ ସାମିଲ ଥିଲେ। ଜବତ କାଠକୁ ରାସୋଳ ଅଫିସରେ ରଖାଯାଇଛି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ